# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**25 December - 2024**

**News Editor : *Itishree Singh Rathaur***

---

# ପ୍ରଧାନମନ୍ତ୍ରୀ

ଆଗାମୀ କେନ୍ଦ୍ରୀୟ ବଜେଟ୍ ପ୍ରସ୍ତୁତି ନେଇ ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଯାଇଛି । ନୂଆଦିଲ୍ଲୀର ନୀତି ଆୟୋଗ ଭବନରେ ହୋଇଥିବା ବୈଠକରେ ବିଶିଷ୍ଟ ଅର୍ଥନୀତିଜ୍ଞ ମାନଙ୍କ ସହିତ ପ୍ରଧାନମନ୍ତ୍ରୀ ବିଚାର ବିମର୍ଶ କରିଛନ୍ତି । ୨୦୪୭ ମସିହା ସୁଦ୍ଧା ଭାରତକୁ ବିକଶିତ କରିବା ନେଇ ସମସ୍ତ ଦିଗକୁ ଦୃଷ୍ଟିରେ ରଖି ଦେଶର ବିକାଶ ହାସଲ କରାଯାଇ ପାରିବ ବୋଲି ପ୍ରଧାନମନ୍ତ୍ରୀ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି ।

# ରାଜ୍ୟପାଳ

ଡକ୍ଟର ହରିବାବୁ କମ୍ଭମ୍‌ପତିଙ୍କୁ ଓଡ଼ିଶାର ନୂତନ ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଛି । ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ ଇସ୍ତଫା ଦେବା ପରେ ଶ୍ରୀ କମ୍ଭମ୍‌ପତିଙ୍କୁ ଏହି ଦାୟିତ୍ୱ ମିଳିଥିବା ନେଇ ରାଷ୍ଟ୍ରପତି ଭବନରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଓଡ଼ିଶା ସମେତ ବିହାର, ମିଜୋରାମ, ମଣିପୁର ଓ କେରଳରେ ନୂଆ ରାଜ୍ୟପାଳମାନଙ୍କୁ ନିଯୁକ୍ତି ମିଳିଛି ।

---

## ସୁଶାସନ ଦିବସ

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଆଜି ଦେଶବ୍ୟାପୀ ସୁଶାସନ ଦିବସ ପାଳନ କରାଯାଉଛି । ପ୍ରତିବର୍ଷ ଆଜିର ଦିନରେ ସ୍ୱର୍ଗତ ବାଜପେୟୀଙ୍କ ଜନ୍ମଦିନକୁ ସୁଶାସନ ଦିବସ ଭାବେ ପାଳନ କରାଯାଇଥାଏ । ଦେଶବାସୀଙ୍କୁ ସ୍ୱଚ୍ଛ ଶାସନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁଶାସନ ଦିବସ ଅବସରରେ ମଧ୍ୟପ୍ରଦେଶଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଆଜି ସକାଳ ସାଢ଼େ୮ଟାରେ ଭୁବନେଶ୍ୱର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ-ଏମ୍ସ ଠାରେ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ । ରାଜ୍ୟର ବିଭିନ୍ନ ସ୍ଥାନରେ ସୁଶାସନ ଦିବସ ଅବସରରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

## ସୁଶାସନ ଦିବସ-୨

ସୁଶାସନ ଦିବସ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଜି ନୂତନ ଭାବେ ଗଠିତ ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତିର ଶୁଭାରମ୍ଭ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ରାଜ୍ୟସ୍ତରୀୟ ଉତ୍ସବରେ ଭୁବନେଶ୍ୱର ଲୋକସେବା ଭବନରେ ଅପରାହ୍ଣରେ ମୁଖ୍ୟଅତିଥି ଭାବେ ଯୋଗଦେବେ ।

## ବଡଦିନ

ଦେଶ ତଥା ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଆନନ୍ଦ ଓ ଉଲ୍ଲାସର ସହ ବଡଦିନ ପର୍ବ ପାଳନ କରାଯାଉଛି । ଖ୍ରୀଷ୍ଟଧର୍ମର ପ୍ରବର୍ତ୍ତକ ପ୍ରଭୁ ଯୀଶୁଖ୍ରୀଷ୍ଟ ଏହିଦିନ ଧରାବତରଣ କରିଥାନ୍ତି ବୋଲି ବିଶ୍ୱାସ ରହିଛି । ଏହି ଅବସରରେ ବାପିଷ୍ଟ୍ ଓ କ୍ୟାଥଲିକ୍ ଚର୍ଚ୍ଚଗୁଡ଼ିକୁ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକମାଳା, ତାରକାରେ ସଜ୍ଜିତ କରାଯାଇ କ୍ୟାରଲ ସଙ୍ଗୀତ ସହ ସମୂହ ପ୍ରାର୍ଥନା କରାଯାଉଛି ।

ପବିତ୍ର ବଡ଼ଦିନ ଉପଲକ୍ଷେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇ ଏକ ବିକଶିତ ଓଡ଼ିଶା ଗଠନରେ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି ।

## ପ୍ରବାସୀ ଭାରତୀୟ ଦିବସ

ପ୍ରବାସୀ ଭାରତୀୟ ଦିବସର ଉଦ୍‌ଯାପନୀ ଉତ୍ସବରେ ଯୋଗଦେବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଜାନୁଆରୀ ମାସ ୧୦ ତାରିଖରେ ଓଡ଼ିଶା ଆସିବେ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି । କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଯୋଗଦେବାର କାର୍ଯ୍ୟସୂଚୀ ରହିଥିବା ବେଳେ ୧୪୦ଟି ଦେଶରୁ ୫ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଭାରତୀୟ ଯୋଗଦେବେ ବୋଲି ଜଣାପଡ଼ିଛି ।

## ଜନଅଭିଯୋଗ

ଚଳିତମାସ ୩୦ ତାରିଖ ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଅଭିଯୋଗ ଶୁଣାଣି କରିବେ । ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ ଆଜି ପୂର୍ବାହ୍ନ ୧୧ଟା ଠାରୁ ଆରମ୍ଭ ହେବ । ମୋଟ୍ ୧ହଜାର ଜଣ ଅଭିଯୋଗ ଶୁଣାଣି ପାଇଁ ପଞ୍ଜୀକରଣ କରିପାରିବେ । ଅନ୍‌ଲାଇନ୍ ମାଧ୍ୟମରେ **janasunani.odisha . gov.in** ରେ ପଞ୍ଜୀକରଣ କରିପାରିବେ ।

---

# ରତ୍ନଭଣ୍ଡାର

ନୂଆବର୍ଷ ଏବଂ ଛୁଟିଦିନ ପାଇଁ ଆଜିଠାରୁ ଜାନୁଆରୀ ୨ ତାରିଖ ପର୍ଯ୍ୟନ୍ତ ପୁରୀ ଶ୍ରୀମନ୍ଦିରର ରତ୍ନଭଣ୍ଡାର ମରାମତି କାମ ସ୍ଥଗିତ ରଖାଯାଇଛି । ରାଜ୍ୟ ସରକାରଙ୍କର ମାର୍ଗଦର୍ଶିକା ଅନୁସାରେ ଆସନ୍ତା ମାସ ୩ ତାରିଖରୁ ପୁଣିଥରେ ରତ୍ନଭଣ୍ଡାର ମରାମତି କାମ ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି । ଅନ୍ୟପକ୍ଷରେ ଏହି ସମୟରେ ଶ୍ରୀମନ୍ଦିରକୁ ବହୁସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ଆସନ୍ତା ୨୮ କିମ୍ବା ୨୯ ତାରିଖରେ ନାଟମଣ୍ଡପରେ ପରୀକ୍ଷାମୂଳକ ଭାବେ ଧାଡ଼ିଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ଦର୍ଶନ ବ୍ୟବସ୍ଥାକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯିବା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀ କହିଛନ୍ତି।

---

# ରେଳ ପରିବହନ

ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଗତ ୨୬୭ ଦିନ ମଧ୍ୟରେ ୧୦୦ ମିଲିୟନ ଟନ୍ ପରିମାଣର ମାଲ୍ ପରିବହନ ଅନ୍‌ଲୋଡିଂ କରି ରେକର୍ଡ ହାସଲ କରିଛି । ୨୦୨୩ ମସିହାରେ ୨୭୯ ଦିନରେ ଏହି ପରିମାଣର ମାଲ୍ ପରିବହନ ଅନ୍‌ଲୋଡିଂ କରାଯାଇଥିଲା ବୋଲି ପୂର୍ବତଟ ରେଳବାଇ ପକ୍ଷରୁ କୁହାଯାଇଛି । ପାରାଦୀପ, ଧାମରା ସମେତ ପ୍ରମୁଖ ବନ୍ଦର ଗୁଡ଼ିକରେ ଇସ୍ପାତ କାରଖାନା ଏବଂ ଅନ୍ୟ କେତେକ ସାଇଡିଂ ପଏଣ୍ଟରେ ରେଳବାଇ ପକ୍ଷରୁ ମାଲ୍ ଅନ୍‌ଲୋଡିଂ କରାଯାଇଥିଲା ବୋଲି ଖୋର୍ଦ୍ଧାରୋଡ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍. ବଜୁଆ କହିଛନ୍ତି ।

## ପାଣିପାଗ

ଦକ୍ଷିଣ ପଶ୍ଚିମ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ ସକ୍ରିୟ ରହିବା ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଲଘୁଚାପ ପ୍ରଭାବରେ ଆଜି ବିଭିନ୍ନ ସ୍ଥାନରେ ପାଗ ମେଘୁଆ ରହିବା ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେଉଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଶୁକ୍ରବାରଠାରୁ ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇବ ।